# ଜଳ

● ଅରକ୍ଷିତ ଦାସ

## କବି ପରିଚୟ :

ଅରକ୍ଷିତ ଦାସ (୧୭୮୨-୧୮୩୭) ଗଂଜାମ ଜିଲ୍ଲାର ବଡ଼ଖେମୁଣ୍ଡି ରାଜପରିବାରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପୂର୍ବ ନାମ ଥିଲା ବୀରଭଦ୍ର ଦେବ । ମନରେ ବୈରାଗ୍ୟ ଜାତ ହେବାରୁ ସେ ପରିବାର ତ୍ୟାଗ କରି ବିଭିନ୍ନ ସ୍ଥାନରେ ଭ୍ରମଣ କରିଥିଲେ । ବହୁ ଦିନ ଧରି ପର୍ଯ୍ୟଟନ ଓ କଠୋର ସାଧନା ପରେ ବର୍ତ୍ତମାନର ଯାଜପୁର ଜିଲ୍ଲା ଅନ୍ତର୍ଗତ ଓଳାଶୁଣି ପାହାଡ଼ ଗୁମ୍ଫାରେ ଅବସ୍ଥାନ କରିଥିଲେ । ନିଜ ଜୀବନର ଅନୁଭୂତି ଓ ଆଧ୍ୟାତ୍ମିକ ଉପଲବ୍ଧିକୁ ବୁଝିପାରିବା ଭଳି ସହଜ ଭାଷାରେ ସେ ବର୍ଣ୍ଣନା କରିଯାଇଛନ୍ତି । ବହୁସଂଖ୍ୟକ ଭଜନ, ଜଣାଣ ବ୍ୟତୀତ ସେ 'ଭକ୍ତିଟୀକା', 'ମୋକ୍ଷ ଉପାଧି' ଓ 'ମହୀମଣ୍ଡଳ ଗୀତା' ଇତ୍ୟାଦି ରଚନା କରିଥିଲେ ।

ଅରକ୍ଷିତ ଦାସଙ୍କ 'ମହୀମଣ୍ଡଳ ଗୀତା' ଏକ ତତ୍ତ୍ୱପୂର୍ଣ୍ଣ ଗ୍ରନ୍ଥ । 'ଜଳ' କବିତାଟି 'ମହୀମଣ୍ଡଳ ଗୀତା' ପୁସ୍ତକର ଦ୍ୱିତୀୟ ଅଧ୍ୟାୟର ସଂପାଦିତ ଅଂଶ । ଏଥିରେ କବି ଜଳର ନାନାବିଧ ମହିମା ବର୍ଣ୍ଣନା କରିଛନ୍ତି ।

---

ଚୈତନ୍ୟ କହେ ମନ ଶୁଣ
ତୁ ଯାହା ପଚାରିଲୁ ପୁଣ ।
ଜଳ ଭୂତଙ୍କ କଥା କେହି
ଜାଣିବା ବ୍ରହ୍ମାଣ୍ଡରେ ନାହିଁ ।
ଜଳର ମହିମା କିଞ୍ଚିତେ
ଶୁଣ କହିବା ତୋ ଅଗ୍ରତେ ।
ଅଗ୍ନିରୁ ଜଳ ଜାତ ହୋଇ
ଏହା ତ ନ ଜାଣନ୍ତି କେହି ।
ଜଳର ମହିମା ତୁ ଶୁଣ
ସେ ସର୍ବ ଘଟେ ଥାଇ ଜାଣ ।

ସ୍ୱର୍ଗ ମଞ୍ଚ ପାତାଳ ହୋଇ
ଜଳଟି ଘୋଟିଣ ଅଛଇ ।
ଜୀବେ ଅଜୀବେ ପୂରିଥାଇ
ସର୍ବ ଜାତ କରୁଛି ସେହି ।
ଛପନ କୋଟି ଜୀବ ଯେତେ
ଜଳରୁ ଜାତ ଏ ସମସ୍ତେ ।
ଅଶ୍ୱତ୍‌ଥଠାରୁ ଯେତେ ବୃକ୍ଷ
ଜଳରୁ ଜାତ ଏ ପ୍ରତ୍ୟକ୍ଷ ।
କାକରୁ ଗରୁଡ଼ ପର୍ଯ୍ୟନ୍ତ
ଜଳରୁ ଜାତ ଏ ସମସ୍ତ ।
ଚଳନ୍ତା ଚୌଦ କୋଟି ଜୀବ
ଜଳରୁ ଏ ସର୍ବ ସମ୍ଭବ ।
ନିଶ୍ଚଳ ଚୌଦ କୋଟି ହୋଇ
ଜଳରୁ ସର୍ବ ଜାତ କହି ।
ଉଡ଼ା ଚଉଦ କୋଟି ଛନ୍ତି
ଜଳରୁ ଏ ସର୍ବେ ଜନ୍ମନ୍ତି ।
ବୁଡ଼ା ଚଉଦ କୋଟି ଜାଣ
ଜଳରୁ ଜାତ ଏ ପ୍ରମାଣ ।
ଜଳଟି ସର୍ବ ଜାତ କରେ
ଜଳଟି ସମସ୍ତ ସଂହାରେ ।
କୀଟପତଙ୍ଗ ତରୁ ତୃଣ
ଜଳରୁ ଜାତ ଏବେ ଶୁଣ ।
ସୁନାରୁ ହୀରା ପରିଯନ୍ତେ
ଜଳରୁ ଜାତ ଏ ସମସ୍ତେ ।
ରୁପାରୁ ଲୁହା ଯାଏ ପୁଣ
ଜଳରୁ ଜାତ ଏ ପ୍ରମାଣ ।

ଆମ୍ଳିରୁ ରାଗ ଯାଏ କହି
ଜଳରୁ ସର୍ବ ଜାତ ହୋଇ ।
ନୀଳରୁ ରଙ୍ଗ ଯାଏ ଜାଣ
ଜଳରୁ ସମସ୍ତ ଭିଆଣ ।
ନାନାଦି ବର୍ଣ୍ଣ ଜଳ ଧରେ
ତା ମାୟା କେ ଜାଣେ ସଂସାରେ ।
ନାନାଦି ଆହାର ଯେ ଜଳ
ଜାତ କରୁଛି ଏ ସକଳ ।
ରକ୍ତ ମାଂସ ଏ ହାଡ଼ ଚର୍ମ
ଜଳରୁ ସମସ୍ତ ଭିଆଣ ।
ଜଳ ଥିଲେଟି ସର୍ବ ଥାନ୍ତି
ଆନନ୍ଦେ ଜଳେ ବିହରନ୍ତି ।
ଜଳ ଯେବେ ମନେ ପାଞ୍ଚଇ
ପୃଥ୍ୱୀକି ରଖିଥିବି ମୁହିଁ ।
ପୃଥ୍ୱୀଟି ସଦାକାଳେ ଥାଇ
ଆନନ୍ଦେ ସମସ୍ତେ ଯେ ରହି ।
ନୋହିଲେ ଯଶ ନାହିଁ ଜାଣ
ଜଳର ଏମନ୍ତଟି ଗୁଣ ।
ଜଳ ସଙ୍ଗତେ ଜଳ ହେବୁ
ସକଳ ସମାନ ଦେଖିବୁ ।
ତେବେ ଅମର ହେବୁ ଜାଣ
କହିଲି ତୋତେ ମୁହିଁ ଶୁଣ ।
କହଇ ଅରକ୍ଷିତ ଦାସ
ଜଳର ମହିମା ଅଶେଷ ।

**ସୂଚନା :**

ଚୈତନ୍ୟ - ମଣିଷ ଭିତରେ ଥିବା ଚେତନ ଶକ୍ତି

ପଞ୍ଚଭୂତ - ମାଟି, ପାଣି, ଅଗ୍ନି, ବାୟୁ ଓ ଆକାଶ - ଏହି ପାଞ୍ଚ ଉପାଦାନ । ଏହି ପାଞ୍ଚ ଉପାଦାନକୁ ନେଇ ଜୀବନ ଓ ଜଗତ ଗଠିତ ।

ଜଳଭୂତ - ପଞ୍ଚଭୂତ ମଧ୍ୟରୁ ଜଳ ହେଉଛି ଗୋଟିଏ ।

ଜୀବ ଅଜୀବ - ସଜୀବ ଓ ନିର୍ଜୀବ

ଗରୁଡ଼ - ପକ୍ଷିରାଜ ବା ପକ୍ଷିଶ୍ରେଷ୍ଠ, ବିଷ୍ଣୁଙ୍କ ବାହନ । ଗରୁଡ଼ଙ୍କ ପିତା ହେଉଛନ୍ତି କଶ୍ୟପ ଓ ମାତା ବିନତା ।

ସମ୍ଭବ - ଜାତ

ମାୟା - ଭ୍ରମ, ଛଳନା

ଉଡ଼ା - ଉଡ଼ନ୍ତା ଜୀବ

ବୁଡ଼ା - ପାଣିରେ ବୁଡ଼ି ରହୁଥିବା ଜୀବ

ଭିଆଣ - ସୃଷ୍ଟି, ନିର୍ମାଣ

'ଅଗ୍ନିରୁ ଜଳ ଜାତ ହୋଇ' - ଉଦଜାନ ଓ ଅମ୍ଳଜାନର ନିର୍ଦ୍ଧାରିତ ପରିମାଣର ମିଶ୍ରଣ ଘଟିଲେ ଜଳର ଉତ୍ପତ୍ତି ହୁଏ । ଏହି ଦୁଇ ବାଷ୍ପର ମିଳନଜନିତ ରାସାୟନିକ ପ୍ରତିକ୍ରିୟା ଫଳରେ ଉତ୍ତାପ ବା ଅଗ୍ନି ସୃଷ୍ଟି ହୋଇଥାଏ ।

## ପ୍ରଶ୍ନାବଳୀ

### ସଂକ୍ଷିପ୍ତ ଉତ୍ତରମୂଳକ :

୧. 'ଜଳ' କବିତାଟିର କବି କିଏ ?

୨. କାହା କାହା ମଧ୍ୟରେ ହୋଇଥିବା କଥୋପକଥନ ବିଷୟରେ 'ଜଳ' କବିତାରେ ବର୍ଣ୍ଣନା କରାଯାଇଛି ?

୩. 'ଜଳ' କବିତାଟି କବିଙ୍କର କେଉଁ ପୁସ୍ତକର ଅନ୍ତର୍ଗତ ?

୪. 'ପଞ୍ଚଭୂତ' କହିଲେ ତୁମେ କ'ଣ ବୁଝ ?

୫. 'ଅଗ୍ନିରୁ ଜଳ ଜାତ ହୋଇ' - କବି ଏପରି କହିଛନ୍ତି କାହିଁକି ?

୬. କବିତାର ପ୍ରଥମାଂଶରେ କବି ଜଳର ମହିମା ସଂପର୍କରେ କ'ଣ ବର୍ଣ୍ଣନା କରିଛନ୍ତି ?

୭. 'ଜୀବେ ଅଜୀବେ ପୂରିଥାଇ' - ଏଠାରେ ଜୀବ ଓ ଅଜୀବ କହିଲେ ତୁମେ କ'ଣ ବୁଝୁଛ ?

୮. ଜୀବମାନଙ୍କ ସଂଖ୍ୟା ସଂପର୍କରେ କବି କ'ଣ କହିଛନ୍ତି ?

୯. ଜୀବମାନଙ୍କୁ କବି କେତେ ଭାଗରେ ବିଭକ୍ତ କରିଛନ୍ତି ?

୧୦. ସେହି ବିଭାଗଗୁଡ଼ିକୁ କବି କି କି ନାଁ ଦେଇଛନ୍ତି ?

୧୧. ଜଳ ସହିତ ଜୀବମାନଙ୍କ ସଂପର୍କ ବିଷୟରେ କବି କ'ଣ କହିଛନ୍ତି ?

୧୨. ଜଳ ସହିତ ବୃକ୍ଷ ଏବଂ ପକ୍ଷୀମାନଙ୍କର କି ସମ୍ବନ୍ଧ ରହିଛି ?

୧୩. 'ଜଳଟି ସମସ୍ତ ସଂହାରେ' - ଏହା କୁହାଯାଇଛି କାହିଁକି ?

୧୪. କେଉଁ ଘଟଣାକୁ କବି ଜଳର ମାୟା ବୋଲି ବର୍ଣ୍ଣନା କରିଛନ୍ତି ?

୧୫. 'ଜଳ ସଙ୍ଗତେ ଜଳ ହେବୁ' - କବି ଏପରି ଲେଖିବାର କାରଣ କ'ଣ ?

୧୬. କ'ଣ କଲେ ଜଣେ ଅମର ହୋଇପାରିବ ବୋଲି କବି ସୂଚନା ଦେଇଛନ୍ତି ?

**ସପ୍ରସଙ୍ଗ ସରଳାର୍ଥ ଲେଖ :**

୧୭. ଅଗ୍ନିରୁ ଜଳ ଜାତ ହୋଇ, ଏହା ତ ନ ଜାଣନ୍ତି କେହି ।

୧୮. ନାନାଦି ବର୍ଣ୍ଣ ଜଳ ଧରେ, ତା' ମାୟା କେ ଜାଣେ ସଂସାରେ ।

୧୯. ଜଳ ସଙ୍ଗତେ ଜଳ ହେବୁ, ସକଳ ସମାନ ଦେଖିବୁ ।

**ଦୀର୍ଘ ଉତ୍ତରମୂଳକ :**

୨୦. ଜଳ ଯୋଗୁଁ ଜଗତରେ ଜୀବନ କିପରି ତିଷ୍ଠି ରହିଛି ବର୍ଣ୍ଣନ କର ।

୨୧. ସକଳ ଜୀବ ଜଳ ନିକଟରେ ଋଣୀ - ପଠିତ କବିତା ଅନୁସରଣରେ ଆଲୋଚନା କର ।

୨୨. ପଠିତ କବିତା ଅନୁସରଣରେ ଜଳର ମହିମା ବର୍ଣ୍ଣନ କର ।

୨୩. ଜଳର ଅପବ୍ୟବହାର ବନ୍ଦ କରିବା ନିମନ୍ତେ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଛୋଟ ଅନୁଚ୍ଛେଦଟିଏ ଲେଖ ।

୨୪. ଜଳ ପ୍ରଦୂଷଣର ନିରାକରଣ ପାଇଁ ତୁମେ କି କି ଉପାୟ ଅବଲମ୍ବନ କରିପାରିବ ସେ ସମ୍ବନ୍ଧରେ ସହପାଠୀମାନଙ୍କ ସହ ଆଲୋଚନା କରି ଏକ କାର୍ଯ୍ୟଯୋଜନା ଫର୍ଦ୍ଦ ପ୍ରସ୍ତୁତ କର ।

**ନିର୍ଦ୍ଦିଷ୍ଟ ଉତ୍ତରମୂଳକ :**

୨୫. ବଂଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର ।

(କ) ________କୋଟି ଜୀବ ଯେତେ
ଜଳରୁ ________ ଏ ସମସ୍ତେ ।
(ବାଉନ, ତେପନ, ଛପନ, ଜାତ, ଯାତ, ସ୍ନାତ, ଘାତ)

(ଖ) __________ ଚୌଦ କୋଟି ଜୀବ
ଜଳରୁ ଏ ସର୍ବ __________
__________ ଚୌଦ କୋଟି ହୋଇ
ଜଳରୁ ସର୍ବ ଜାତ __________
(ଉଡ଼ନ୍ତା, ବୁଡ଼ନ୍ତା, ଚଳନ୍ତା, ଉଦ୍‌ଭବ, ସମ୍ଭବ, ଆରମ୍ଭ, ଅଚଳ, ଅଟଳ, ନିଶ୍ଚଳ, ହୋଇ, ଏହି, କହି)

୨୬. ନିମ୍ନରେ ଦିଆଯାଇଥିବା ପ୍ରତ୍ୟେକ ଶବ୍ଦକୁ ବିଶେଷଣ ଓ କ୍ରିୟା ଭାବରେ ବ୍ୟବହାର କରି ପୃଥକ୍ ପୃଥକ୍ ବାକ୍ୟ ଗଠନ କର ।

ଉଡ଼ା, ବୁଡ଼ା, ଜଳନ୍ତା, ଚଳନ୍ତା, ଫୁଟନ୍ତା ।

୨୭. "ନାନାଦି ବର୍ଣ୍ଣ ଜଳ ଧରେ
ତା ମାୟା କେ ଜାଣେ ସଂସାରେ ।"

ଏହି ପଦରେ ଥିବା 'ତା ମାୟା କେ ଜାଣେ ସଂସାରେ' ଧାଡ଼ିଟିର ପ୍ରକୃତ ଅର୍ଥ ନିମ୍ନରେ ପ୍ରଦତ୍ତ ଉତ୍ତର ମଧ୍ୟରୁ ବାଛି ଲେଖ ।

(କ) ଜଳର ଆକର୍ଷଣକୁ କେହି ଜାଣିପାରନ୍ତି ନାହିଁ ।

(ଖ) ଜଳ ସୃଷ୍ଟି କରୁଥିବା ଭ୍ରମକୁ କେହି ଜାଣିପାରନ୍ତି ନାହିଁ ।

(ଗ) ଅଳ୍ପ କିଛି ଲୋକ ଜଳକୁ ଠିକ୍ ରୂପେ ବୁଝିପାରନ୍ତି ।

(ଘ) ଜଳପ୍ରତି ଥିବା ମମତାକୁ କେହି ଜାଣିପାରନ୍ତି ନାହିଁ ।

୨୮. ନିମ୍ନୋକ୍ତ ପଂକ୍ତିଗୁଡ଼ିକରେ ଥିବା ରେଖାଙ୍କିତ ପଦଗୁଡ଼ିକର ଅର୍ଥ ଲେଖ ।

(କ) ଅନେକ ପୁଷ୍ପ ଜଳୁ <u>ଜାତ</u>
ଫଗୁଣ ମାସେ ଦୋଳ <u>ଯାତ</u> ।

(ଖ) ଜଳରୁ ଏ ସର୍ବ <u>ସମ୍ଭବ</u>
ମଣିଷ ଉଡ଼ିବା <u>ସମ୍ଭବ</u> ।

(ଗ) ଆମ୍ବିଳୁ <u>ରାଗ</u> ଯାଏ କହି
ତା' <u>ରାଗ</u> ଦେଖି ଡରେ ମୁହିଁ ।

(ଘ) ବଢ଼ି ଆସୁଛି ଖରା <u>ତେଜ</u>
ବଦଅଭ୍ୟାସ ବେଗେ <u>ତେଜ</u> ।

(ଙ) ଶ୍ରୀଲଙ୍କା ଦେଶ ଏକ <u>ଦ୍ୱୀପ</u>
ଚଉଁରା ମୂଳେ ଜଳେ <u>ଦୀପ</u> ।

**ତୁମପାଇଁ କାମ :**

୨୯. ଅରକ୍ଷିତ ଦାସଙ୍କ 'ମହୀମଣ୍ଡଳ ଗୀତା' ପୁସ୍ତକଟି ସଂଗ୍ରହ କରି ଅବସର ସମୟରେ ପଢ଼ ।

୩୦. 'ଜଳ ହିଁ ଜୀବନ', ଏହି ପ୍ରସଙ୍ଗ ଉପରେ ତୁମ ବିଦ୍ୟାଳୟରେ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରିବା ଲାଗି ଯତ୍ନବାନ୍ ହୁଅ ।

❖❖❖